# Akashvani, Sambalpur

## SAMBALPURI NEWS EVENING BULLETIN

**20 August 2024- 7.02 pm- 7.12 pm.**

*********************************************

୧- ବିଧାନ୍‌ସଭା ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ବୈଠକ୍ ଆଏଜ୍‌ଠାନୁ ହେଲା ମୁଲ୍ ।

୨- ରାଜ୍ୟସଭା ନିର୍ବାଚନ୍ ଲାଗି ମମତା ମହାନ୍ତ ହେଲେ ବିଜେପି ପ୍ରାର୍ଥୀ ।

୩- ରାଏଜେ ୨ ହଜାର୍ ୯୮ ଟା ହାତୀ ଆଉ ୨୭ ଟା ବାଘ୍ ଅଛନ୍ ବଲି ସୂଚ୍‌ନା ଦେଲେ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ।

୪- ଦେଶେ ସବୁ କେନ୍ଦ୍ରୀୟ ଡାକ୍ତର୍‌ଖାନା ମାନ୍‌କେ ସୁରକ୍ଷା ବ୍ୟବସ୍ଥା ୨୫ ପ୍ରତିଶତ୍ ବଢ଼ାବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ନିଷ୍ପତି ।

ଆଉର୍

୫- ଖୋର୍ଦ୍ଧାରୋଡ୍- ବଲାଙ୍ଗିର୍ ରେଲ୍‌ପଥର୍ ବୌଦ୍ଧ ଜିଲ୍ଲା ନ ଖୁଲ୍‌ଲା ୧ ହଜାର୍ ୯ ଶହ ୭୫ ମିଟର୍ ଲମ୍ଭା ଟନେଲ୍ ।

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଆର୍‌ଏନ୍‌ୟୁ/ କଟକ୍

୧୭ ନମ୍ବର୍ ବିଧାନ୍‌ସଭାର୍ ପହେଲା ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ବୈଠକ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଛାତ୍ର ସଂସଦ୍ ନିର୍ବାଚନ୍ ଦାବି କରିକରି କଂଗ୍ରେସ୍ ସଦସ୍ୟମାନେ ଗୃହ ନ ରଢ଼ାକିର୍ଲା କରିଥିଲେ । ଇଥିର୍‌ଲାଗି ଗୃହ ଖାଲି ୧୫ ମିନିଟ୍ ଚାଲ୍‌ବାର୍ ଉତ୍‌ରୁ ବାଚସ୍ପତି ଉପର୍‌ବେଲା ୪ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଛନ୍ ।

ଗୃହ କାର୍ଯ୍ୟ ମୁଲ୍ ହେବାର୍ ଉତ୍‌ରୁ ଆଏଜ୍ ଆଘର୍ ସଦସ୍ୟ ସ୍ୱର୍ଗତ ସୁନ୍ଦର୍ ମୋହନ୍ ମାଝୀଙ୍କର୍ ସ୍ମୃତି ଉଦ୍ଦେଶ୍‌ଥି ଶ୍ରଦ୍ଧାଞ୍ଜଳି ଅର୍ପଣ୍ କରାଯାଇଥିଲା । ତାର୍ ଉତ୍‌ରୁ ପ୍ରଶ୍ନକାଳ ମୁଲ୍ ହେବାର୍‌ଖିନ୍ କଂଗ୍ରେସ୍ ସଦସ୍ୟମାନେ ଗୃହର୍ ମଝାକେ ଆସିକରି ଛାତ୍ରସଂସଦ୍ ନିର୍ବାଚନ୍ ବିଷେ ଉଠେଇଥିଲେ ଆର୍ ଜବର୍ କିର୍ଲାଗଗା କରିଥିଲେ । ହେନ୍ତା ବିଜେଡ଼ି ସଦସ୍ୟମାନେ ଝନେ କାର୍ଯ୍ୟରତ ଏ.ଏସ୍.ଓ.ଙ୍କୁ ଆକ୍ରମଣ୍ ଘଟ୍‌ନାଥି କାର୍ଯ୍ୟାନୁଷ୍ଠାନ୍ ବାବ୍‌ଦେ ପ୍ରଶ୍ନ କରିକରି ଗୃହର୍ ମଝାକେ ଆସିକରି ରଢ଼ାକିର୍ଲା କରିଥିଲେ । ବାଚସ୍ପତି ପହେଲା ୧୦ ବାଜିକରି ୪୧ ମିନିଟ୍‌ନୁ ୧୧ ବାଜିକରି ୪୧ ମିନିଟ୍‌ତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ୧୧ ବାଜିକରି ୪୧ ମିନିଟ୍‌ଥି ଗୃହକାର୍ଯ୍ୟ ମୁଲ୍ ହେଇଥିଲେ ଭିଲ୍ ସମାନ୍ ଥିତି ଜାରି ରହିଥିଲା ।

ଇ କିର୍ଲାଗଗା ଭିତ୍‌ରେ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଗଲା ୭ ତାରିଖ୍ ଦିନ ହେଇଥିବା ମନ୍ତ୍ରୀମଣ୍ଡଲ୍‌ର ବୈଠକ୍‌ର ନିଷ୍ପତି ବାବ୍‌ଦେ ଗୃହକେ ଅବଗତ୍ କରେଇଥିଲେ ।

ଇତାର୍‌ଉତ୍‌ରୁ ବାଚସ୍ପତି ୧୧ ବାଜିକରି ୪୫ ମିନିଟ୍‌ନୁ ଉପର୍‌ବେଲା ୪ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ଇ ଅଧିବେଶନ୍ ଆଏବା ମାସର୍ ୧୩ ତାରିଖ୍‌ତକ୍ ଚାଲ୍‌ବା । ଅଧିବେଶନ୍‌ଥି ସବୁ ମିଶିକରି ୧୯ ଟା କାର୍ଯ୍ୟଦିବସ୍ ରହିଛେ । ୯ ତାରିଖ୍‌ତକ୍ ଭିନ୍ ଭିନ୍ ବିଭାଗ୍‌ର ଖର୍ଚ୍ଚ ଦାବି ଆର୍ ୧୦ ତାରିଖ୍ ଦିନ ବ୍ୟୟ ମଞ୍ଜୁରୀ ବିଲ୍ ବିଧେୟକ ଆଗତ୍ ହେବାର୍ କାର୍ଯ୍ୟସୂଚୀ ରହିଛେ । ୧୨ ତାରିଖ୍ ଆଉ ୧୩ ତାରିଖ୍ ବେସର୍‌କାରୀ ସଭ୍ୟ କାର୍ଯ୍ୟଦିବସ୍ ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ୧୭ ନମ୍ବର୍ ବିଧାନ୍‌ସଭାର୍ ପହେଲା ଅଧିବେଶନ୍‌ର ପହେଲା ଖେପ୍ ଗଲା ମାସର୍ ୨୨ ତାରିଖ୍ ଦିନ ମୁଲ୍ ହେଇକରି ୩୧ ତାରିଖ୍‌ତକ୍ ଚାଲିଥିଲା ।

ରାଜ୍ୟସଭା ନିର୍ବାଚନ୍- ମମତା ମହାନ୍ତ ଆର୍‌ଏନ୍‌ୟୁ/ସମ୍ବଲପୁର୍

ଓଡ଼ିଶା ନ ହେବାର୍‌କେ ଥିବା ରାଜ୍ୟସଭା ଉପ ନିର୍ବାଚନ୍ ଲାଗି ବିଜେପି ତର୍‌ଫୁ ଆଘର୍ ସାଂସଦ୍ ମମତା ମହାନ୍ତଙ୍କୁ ପ୍ରାର୍ଥୀ ଘୋଷ୍‌ନା କରାଯାଇଛେ । ବିଜେପିର କେନ୍ଦ୍ରୀୟ ନିର୍ବାଚନ୍

କମିଟି ତର୍ଫୁ ଆଏଜ୍ ଇ ବାବ୍ଦେ ସୂଚ୍ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ମମତା ମହାନ୍ତ ଇତାର୍ ଭିତ୍ରେ ବିଜେଡ଼ି ଆଉ ରାଜ୍ୟସଭା ପଦ୍ନୁ ଇସ୍ତଫା ଦେଇଥିଲେ ।

ବନ୍ୟପ୍ରାଣୀ ଗଣନା- ବିଧାନ୍ସଭା ଆର୍ଏନ୍ୟୁ/ କଟକ୍

ରାଏଜେ ଇତାର୍ଭିତ୍ରେ କରାଯାଇଥିବାର୍ ପଶୁ, ପକ୍ଷୀ ଆଉ ବନ୍ୟପ୍ରାଣୀ ଗଣନା ଅନ୍ସାରେ ମହାନଦୀ ନ ୧୪ ଟା ଘଡ଼ିଆଲ୍ କୁମ୍ଭୀର ରହିଥିବାର୍ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ଖୁଂଟିଆ ରହିଛନ୍ । ବିଧାନ୍ସଭା ନ ଆଏଜ୍ ଇ ବାବ୍ଦର୍ ଗୁଟେ ପ୍ରଶ୍ନର୍ ଉତର୍ଥି ମନ୍ତ୍ରୀ କହିଛନ୍ ଯେ, ଭିତର୍ କନିକା ନ ୧ ହଜାର୍ ୮ ଶହ ୫୦ ଟା ବଉଲା କୁମ୍ଭୀର, ସାତକୋଶିଆ ନ ୯୭, ଶିମିଲିପାଲ୍ ନ ୭୬ ଆଉ ଘୋଡ଼ାହାଡ଼ ଡେମ୍ ନ ୮୪ ଟା ଗୋମୁହାଁ କୁମ୍ଭୀର ଅଛନ୍ । ଇ ଗଣନା ଅନ୍ସାରେ ସାରା ରାଏଜେ ୨ ହଜାର୍ ୯୮ ଟା ହାତୀ ଆଉ ୨୭ ଟା ବାଘ୍ ଅଛନ୍ । ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ଯେ, ଚିଲିକା ହ୍ରଦ ନ ଶହେ ୮ ପ୍ରଜାତିର୍ ୧୦ ଲାଖ୍ ୯୯ ହଜାର୍ ପକ୍ଷୀ ଭିତର୍କନିକା ନ ଶହେ ୨୧ ପ୍ରଜାତିର୍ ୧ ଲାଖ୍ ୫୧ ହଜାର୍ ଆଉ ହୀରାକୁଦ୍ ନ ଶହେ ୪୩ ପ୍ରଜାତିର୍ ୩ ଲାଖ୍ ୪୨ ହଜାର୍ ବିଦେଶାଗତ ପକ୍ଷୀ ଅଛନ୍ । ଚିଲିକା ସହେତେ ରାଜ୍ୟର୍ ସମୁଦ୍ର ଇଲାକା ନ ୭

ଶହ ୪୨ ଟା ଡଲ୍‌ଫିନ୍ ଅଛନ୍ ବଲି ମନ୍ତ୍ରୀ କହିଛନ୍ । ସେନ୍ତା ଗହୀରମଥା ନ ଥିବାର୍ ଅଲିଭ୍ ରିଡ୍‌ଲେ କଇଁଛଙ୍କର୍ ସଂଖ୍ୟା ୩ ଲାଖ୍‌ନୁ ଅଏତ୍‌କା ହେବା ବଲି ସେ କହିଛନ୍ ।

ବିଧାନ୍‌ସଭା-ବନୀକରଣ୍        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବନୀକରଣ୍ କାମ୍ ଜଙ୍ଗଲ୍, ପରିବେଶ୍ ଆଉ ଜଲବାୟୁ ପରିବର୍ତନ୍ ବିଭାଗ୍ ତର୍‌ଫୁ କରାଯାଏସି ବଲି ବିଭାଗୀୟ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ବିଧାନ୍‌ସଭାଥି ଆଏଜ୍ ଇ ବାବ୍‌ଦର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ସେ କହିଛନ୍ ଯେ, ଚାରାରୋପଣ୍ ନୁ ୩ ବରସ୍‌ତକ୍ ଇତାର୍ ଦେଖ୍‌ରେଖ୍ ଭାର୍ ବିଭାଗ୍ ବହନ୍ କର୍‌ସି । ବନୀକରଣ୍ ଲାଗି ଅଲ୍‌ଗା କେନ୍‌ସି ସର୍‌କାରୀ ବିଭାଗ୍ କି ବେସର୍‌କାରୀ ସଂଗଠନ୍‌କେ ନିୟୋଜିତ କରା ନାଇଁ ଯାଇ ବଲି ସେ ଫଟିକ୍ କରିଛନ୍ । ସେ କହିଛନ୍ ଯେ, ଚଲ୍‌ତି ଆର୍ଥିକ୍ ବଛ୍‌ରେ ୫୧ ଟା ବନଖଣ୍ଡ ନ ଭିନ୍ ଭିନ୍ ବନୀକରଣ୍ ଯୋଜ୍‌ନା ଜରିଏ ସବୁ ମିଶିକରି ୨ କୋଟି ୧୬ ଲାଖ୍ ୬୨ ହଜାର୍ ଚାରା ରୋପଣ୍ ଲାଗି ଲକ୍ଷ୍ୟ ଧାରିଜ୍ କରାଯାଇଛେ ।

ସର୍‌କାରୀ ହସ୍ପିଟାଲ୍ -ସୁରକ୍ଷା ବ୍ୟବସ୍ଥା        ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ସବୁ କେନ୍ଦ୍ରୀୟ ଡାକ୍ତର୍‌ଖାନାମାନ୍‌କେ ସୁରକ୍ଷା ବ୍ୟବସ୍ଥାକେ ୨୫ ପ୍ରତିଶତ୍ ବଢ଼ାବାର୍ ଲାଗି କେନ୍ଦ୍ର ସର୍‌କାର୍ ନିଷ୍ପତି ନେଇଛନ୍ । ଦର୍‌କାର୍ ହେଲେ ଅଏତ୍‌କା ସୁରକ୍ଷା ବ୍ୟବସ୍ଥା କରାଯିବା ବଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ତର୍‌ଫୁ ଜନାପଡ଼ିଛେ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ କେନ୍ଦ୍ରୀୟ ଡାକ୍ତର୍‌ଖାନା କର୍ତ୍ତୃପକ୍ଷଙ୍କୁ ଇ ବାବ୍‌ଦେ ଚିଠି ଲେଖାଯାଇଛେ । କୋଲ୍‌କତା ଡାକ୍ତରୀ ଛାତ୍ରୀ ବ୍ୟଭିଚାର୍ ଆର୍ ହତ୍ୟା ଘଟ୍‌ନାକେ ନଜର୍‌ଥି ରଖିକରି ମନ୍ତ୍ରଣାଳୟ ଏନ୍ତା ନିଷ୍ପତି ନେଇଥିବାର୍ ଜନାପଡ଼ିଛେ । ସେନ୍ତା ଡାକ୍ତର୍‌ଖାନାମାନ୍‌କେ ପର୍ଯ୍ୟାପ୍ତ ସଂଖ୍ୟାଥି ସିସିଟିଭି କେମ୍‌ରା ଲଗାବାର୍ ଲାଗି ଭିଲ୍ ପରାମର୍ଶ ଦିଆଯାଇଛେ ।

ରେଲ୍‌ୱେ ଟନେଲ୍-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ଖୋର୍ଦ୍ଧାରୋଡ଼୍- ବଲାଙ୍ଗିର୍ ରେଲ୍ ସଂଯୋଗ୍ ପ୍ରକଳ୍ପର୍ ଆଡ଼େଣିଗଡ଼ - ଚାର୍‌ଛକ୍ ସେକ୍ସନ୍ ଭିତ୍‌ରେ ୧୯ ଶହ ୭୫ ମିଟର୍ ଲମ୍ବା ଟନେଲ୍ ଖୁଲାଯାଇଥିବାର୍ ଜନାପଡ଼ିଛେ । ଇ ରେଲ୍ ଟନେଲ୍ ସଫଲତାର୍ ସହେତେ ଖୁଲ୍‌ବାର୍ ଉତ୍‌ରୁ ଉପସ୍ଥିତ୍ ରେଲବାଇ ଅଧିକାରୀମାନେ ଅଭିନନ୍ଦନ୍ ଦିଆନିଆ ହେଇଥିଲେ । ୩ ଶହ ୧ କିଲୋମିଟର୍ ଲମ୍ବା ଖୋର୍ଦ୍ଧା ରୋଡ଼୍ ବଲାଙ୍ଗିର୍ ରେଲ୍ ସଂଯୋଗ୍ ପ୍ରକଳ୍ପର୍ ଜାତୀୟ ରାଜପଥକେ

ଚାର୍ଛକ୍ ପାଖେ ଜୁଡୁଥିବାର୍ ଇଲାକାକେ ୭ ଶହ ମିଟର୍ ଲମ୍ବା ଗୁଟେ ଏସ୍କେପ୍ ଟନେଲ୍ ଖୁଲାଯାଇଥିଲା ।

## ଯୁଗ୍ମ ଅଭିଯୋଗ୍ ଶୁଣାଣି

ବରଗଡ଼୍/ ବୌଦ୍ଧ/ ଦେବ୍‌ଗଡ଼୍/ ନୂଆପଡ଼ା/ କଲାହାଣ୍ଡି

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାମାନ୍‌କେ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି.ମାନ୍‌କର୍ ମିଲିତ ଯୁଗ୍ମ ଅଭିଯୋଗ୍ ଶୁଣାଣି ହେଇଯାଇଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପଂଚାୟତ୍ ସମିତି ସମ୍ମିଲନୀ କକ୍ଷଠାନେ ଆଏଜ୍ ହେଇଥିବା ଜିଲ୍ଲାପାଲ୍‌ଙ୍କର୍ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ଗାଁନୁ ଆସିଥିବାର୍ ୫୬ ଟା ଆପତି ଅଭିଯୋଗ୍‌ର ସମାଧାନ୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ ଡଅଁରା ଗ୍ରାମ୍‌ପଂଚାୟତ୍ ସମ୍ମିଲନୀ କକ୍ଷ ଠାନେ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିରଥି ୩୦ ଟା ଅଭିଯୋଗ୍‌ର ଶୁଣାଣି କରାଯାଇଥିଲା । ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଥିଲା ।

କଲାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପଂଚାୟତ୍ ସମିତି ସମ୍ମିଲନୀ ଗୃହ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ମିଲିତ୍ ଅଭିଯୋଗ୍ ଶୁଣାଣି କରାଯାଇଥିଲା । ଇନ ୭୪ ଝନ୍ ଅଭିଯୋଗ୍ ପତ୍ର ଦାଖଲ୍ କରିଥିବାର୍ ବେଲେ ୧୦ ଟା ଅଭିଯୋଗ୍‌ର ଶିବିର୍ ନ ସମାଧାନ୍

କରାଯାଇଥିଲା ବଲି ଜନାପଡ଼ିଛେ । ଶିବିର୍‌ଥି ୨ ଝନ୍ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଆର୍ ଝନ୍‌କୁ ରେଡ଼କ୍ରସ୍ ପାଣ୍ଠିନୁ ସହାୟତା ମଞ୍ଜୁର୍ କରାଯାଇଥିଲା ।

ସମ୍ବଲ୍‌ପୁର୍ ଜିଲ୍ଲା ନାକଟିଦେଲ୍ ବ୍ଲକ୍ କାର୍ଯ୍ୟାଳୟ ନ ଆଏଜ୍ ଶହେ ୧୮ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା । ଇନ ୪୨ ଟା ଆପତି ଅଭିଯୋଗ୍‌ର ସେହିଠାନେ ସମାଧାନ୍ କରାଯାଇଥିଲା ।

ବର୍‌ଗଡ଼୍ ଜିଲ୍ଲା ସୋହେଲା ପଂଚାୟତ୍ ସମିତି ନ ହେଇଥିବା ମିଲିତ୍ ଅଭିଯୋଗ୍ ଶୁଣାଣି ଶିବିରଥି ୭୩ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା । ଶିବିର୍‌କେ ଆସିଥିବାର୍ ସାମୂହିକ୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କରାଯାଇକରି ତୁର୍‌ତି ସମାଧାନ୍ ଲାଗି ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ତର୍‌ଭା ବ୍ଲକ୍ ସମ୍ମିଲନୀ କକ୍ଷ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିରଥି ୩୩ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା । ଶିବିରଥି ୮ ଟା ମାମ୍‌ଲାର୍ ଆପୋଷୀ ସମାଧାନ୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ବୌଦ୍ଧ ପଂଚାୟତ୍ ସମିତି କାର୍ଯ୍ୟାଳୟ ଠାନେ ଆଏଜ୍ ହେଇଥିବା ମିଲିତ ଜନଶୁଣାଣିଥି ଆସିଥିବାର୍ ୩୩ଟା ଅଭିଯୋଗ୍‌ର ସେହିଠାନେ ସମାଧାନ୍ କରାଯାଇଥିଲା । ଇନ ଝନେ ହିତାଧିକାରୀଙ୍କୁ ୩ ଚକିଆ ସାଇକେଲ୍, ଆର୍ ଝନେ ହିତାଧିକାରୀଙ୍କୁ ରେଡ଼କ୍ରସ୍‌ନୁ ସାହାଜ୍ ଭିଲ୍ ଦିଆଯାଇଥିଲା ।

ବଲାଙ୍ଗିର୍ ଜିଲ୍ଲାର୍ ଦେଓଗାଁ ପଂଚାୟତ୍ ସମିତି କାର୍ଯ୍ୟାଳୟ ଠାନେ ଆଏଜ୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି କରାଯାଇଥିଲା ।

ବନକଲାଗି ଆର୍‌ଏନ୍‌ୟୁ/ କଟକ୍

ଭୁଦୋ ମାସର୍ ଉଜଲ୍ ପଖର୍ ତୃତୀୟା ତିଥି ଅବ୍‌ସରେ ଆଏବାକାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହମାନ୍‌କର୍ ବନକଲାଗି ନୀତି ହେବା । ୨ ନମ୍ବର୍ ଭୋଗମଣ୍ଡପ୍ ନୀତି ଉତ୍‌ରୁ ପାଖାପାଖି ଉପର୍‌ବେଲାର୍ ୫ ବଜେନୁ ରାତିର୍ ୯ ବଜେତକ୍ ବନକଲାଗି ନୀତିର୍ ଲାଗି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀ ଜଗନ୍ନାଥ ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ । ବନକଲାଗି ଉତ୍‌ରୁ ଶ୍ରୀଜୀଉଙ୍କର୍ ମହାସ୍ନାନ ନୀତି ହେବା । ତାର୍‌ଉତ୍‌ରୁ ସର୍ବସାଧାରଣ ଦର୍ଶନ୍ ହେବା ବଲି ଜନାପଡ଼ିଛେ ।

ବିଶ୍ୱ ମଶା ଦିବସ୍ ଆର୍‌ଏନ୍‌ୟୁ/ କଟକ

ସାର୍ ରୋନାଲ୍ଡରସ୍ ୧୮୯୭ ମସିହାଥି ଆଝିର୍ ଦିନେ ତାଙ୍କର୍ ଆବିଷ୍କାର୍ ଜରିଏ ପୁର୍‌ଥି ବାସୀକେ ଜନେଇଥିଲେ ଯେ, ମାଇ ଏନୋଫିଲିସ୍ ମଶା ଚାବ୍‌ଲେ ମେଲେରିଆ ଜର୍ ହେସି ।

ସାର୍ ରୋନାଲ୍ଡରସ୍ ଅବଦାନ୍‌କେ ମନେ ପକାବାର୍ ଲାଗି ଆଏଜ୍ ବିଶ୍ୱ ମଶା ଦିବସ୍ ପାଲନ୍ କରାଯାଉଛେ । ତାଙ୍କୁ ଇ ଆବିଷ୍କାର୍ ଲାଗି ୧୯୦୨ ମସିହା ନ ସମ୍ମାନ୍ ଜନକ୍ ନୋବେଲ୍ ପୁରସ୍କାର୍ ମିଲିଥିଲା । ମଶା ଚାବ୍‌ବାର୍ ସମସ୍ୟା ଆର୍ ଇ ବାବ୍‌ଦର୍ ରୋଗ୍ ଫଇଲିବାର୍ ବିଷେଥି ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ବିଶ୍ୱ ମଶା ଦିବସ୍ ପାଲନ୍‌ର ମୂଲ୍ ଲକ୍ଷ୍ୟ ।

ଆଏବା ୨୦୩୦ ଶେଷ୍‌ତକ୍ ଓଡ଼ିଶାକେ ମେଲେରିଆ ମୁକ୍ତ କର୍‌ବାର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ଧାରିଜ୍ କରିଛନ୍ । ରାଏଜେ ମେଲେରିଆ ରୋଗୀଙ୍କର୍ ଭିତ୍‌ରୁ ୮୪ ପ୍ରତିଶତ୍‌ନୁ ଅଏତ୍‌କା କଲାହାଣ୍ଡି, ବୌଦ୍ଧ ସହେତେ ୭ଟା ଜିଲ୍ଲା ନ ଚିହ୍ନଟ୍ ହେଇଛନ୍ । ଇ ଜିଲ୍ଲାମାନ୍‌କେ ୨୭ ହଜାର୍ ୬ ଶହ ୮୪ ଝନ୍ ମେଲେରିଆ ପିଡ଼ିତ ଅଛନ୍ । ସେଆଡ଼େ ରାଏଜେ ଡେଙ୍ଗୁ ରୋଗୀଙ୍କର୍ ସଂଖ୍ୟା ପାଖାପାଖି ୨ ହଜାର୍ ଥିବାର୍ କୁହାଯାଇଛେ ।

ଖେଲ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ଯୁଯୁମୁରା ବ୍ଲକ୍‌ର ଜୟନ୍ତ୍‌ପୁର୍ ଖେଲ୍‌ପଡ଼ିଆ ନ ଚାଲିଥିବା ୫ ଦିନିଆ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଗେଙ୍ଗ୍‌ଟିପାଲି ଦଲ୍ ଚମ୍ପିଆନ୍ ହେଇଛନ୍ । ଫାଇନାଲ୍ ମେଚ୍‌ଥି ଗେଙ୍ଗ୍‌ଟିପାଲି ୧-ଶୂନ୍ ଗୋଲ୍‌ଥି ସର୍‌ଲାକାନି ଏକାଦଶ୍‌କେ

ହରେଇଥିଲେ । ଟୁର୍ଣ୍ଣାମେଂଟ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନୁ ୧୬ ଟା ଫୁଟ୍‌ବଲ୍ ଦଲ୍ ସାମିଲ୍ ହେଇଥିଲେ ।

ସ୍ନାତକୋତର- ମେଧାତାଲିକା ଆର୍‌ଏନ୍‌ୟୁ/ କଟକ୍

ସ୍ନାତକୋତର ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ପହେଲା ଖେପର୍ ମେଧା ତାଲିକା ଆଏଜ୍ ବାହାରିଛେ । ତାଲିକାଥି ଥିବାର୍ ଛାତ୍ରଛାତ୍ରୀମାନେ ଆଏବା କାଏଲ୍‌ଠାନୁ ୨୪ ତାରିଖ୍‌ତକ୍ ନାଁ ଲେଖେଇପାର୍‌ବେ । ଇ ମାସର୍ ୩୧ ତାରିଖ୍ ଦିନ ୨ ନମ୍ବର୍ ଖେପ୍ ଆଉ ସେପ୍ଟେମ୍ବର୍ ମାସର୍ ୧୦ ତାରିଖ୍ ଦିନ ୩ ନମ୍ବର୍ ଖେପ୍ ମେଧା ତାଲିକା ବାହାର୍‌ବା । ଆଏବା ସେପ୍ଟେମ୍ବର୍ ୧୮ ତାରିଖ୍‌ନୁ ସ୍ନାତକୋତର ପାଠ୍‌ପଢ଼ା ମୁଲ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ସୂତ୍ରନୁ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଦକ୍ଷିଣ ବାଂଲାଦେଶ୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ବନିଥିବାର୍ ଲଘୁଚାପ୍‌ର ବଲେ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ମେଘୁଆ ପାଗ୍ ସହେତେ ଟିକେ ରଂଚେ ନୁ ମଧମ୍ ଧରଣ୍‌ର ବର୍ଷା ହେଇଛେ । ଗଲା ୨୪ ଘଂଟା ଭିତ୍‌ରେ

ହୀରାକୁଦ୍ ନ ସବୁଠାନୁ ଜହ ୯୨ ଦଶ୍ମିକ୍ ୨ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ସେଆଡ଼େ ଆଏବା କାଏଲ୍ତକ୍ ବିଜ୍ଲି ମାର୍ବାର୍ ସହେତେ ଜବର୍ ବର୍ଷା ହେବା ବଲି ୧୭ଟା ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ ।